# ସତ୍ୟବାକ୍ୟ

# THE WORD OF TRUTH

**JULY- AUG 2020**

An Oriya Bimonthly Bulletin published by the
**CHURCH OF CHRIST**

# THE VOICE OF TRUTH

Edited and Published By


***Joshua & Kabita Gootam***

## CHURCH OF CHRIST

P.O. Box - 80, Kakinada, A.P. 533 001.
Ph: 0884-2363722


**Vol - 26. July & August 2020. No-4**


## Barren Fig Tree

(Lk. 13:6-9)

**INTRODUCTION** Jews thought calamitous happenings were due to sin. (Lk. 13:1-5)

1. Their fate a warning; 'Like manner', Like wise -fulfilled years later.
2. Walls and temple fell on many; blood of sacrifices, and their own blood, were mingled in death. The parable was to enforce the lesson.

A.ANALYSIS OF PARABLE AND LESSONS DRAWN FROM IT:

1. Fig tree, Jewish nation; Vineyard, the privileges of the Jews; Desire of the Lord, fruit of the nation; Three Years, history of barrenness, and divine disappointment; Cut it down, Destruction of the Jew-ish nation - to transfer privileges to the Gentiles; Vinedresser, Lord Jesus his grace delayed.
2. Direct application to Jewish nation, but applicable to all.
3. Our position more favourable to fruit bearing than the Jewish nation. Comparable to ours, theirs small. Theirs - shadows, pictures, early dawn; ours substance, and noon - day; prophets vs Son; Sacrifices vs Christ; temple vs the church; as Jews excelled the Gentiles, so our privileges excel the Gentiles so our privileges excel the Gentiles; an open Bible vs visions and dreams.

# ସତ୍ୟବାଣୀ

# VOICE OF TRUTH

VOL - XXV KAKINADA JUL-AUG-2020

## ମନୁଷ୍ୟର ତିନି ସ୍ଥିତି

### (୨ କରିନ୍ଥୀ ୫ : ୧ -୯)

ମନୁଷ୍ୟର ଆତ୍ମାରେ ନିବାସ କରୁଥିବା ଶରୀର କି ଅବା ଶରୀରରେ ନିବାସ କରୁଥିବା ଆତ୍ମା ? ସଠିକ ଉତ୍ତର ଆମେ ବାଇବଲରେ ପାଇପାରୁ । ମନୁଷ୍ୟ, ଶରୀରରେ ନିବାସ କରୁଥିବା ଆତ୍ମା । ସଠିକ୍ ଉତ୍ତର ଆମେ ବାଇବଲରେ ପାଇ ପାରୁ । ମନୁଷ୍ୟ ଶରୀର ଅସ୍ଥାୟୀ କିନ୍ତୁ ଆତ୍ମା ଅମର । ପୃଥିବୀର ମାଟିରୁ ସଦାପ୍ରଭୁ ମନୁଷ୍ୟକୁ ନିର୍ମାଣ କରି, ନାସିକା ରନ୍ଧ୍ରରେ ଜୀବବାୟୁ ଫୁର୍ଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ, ତହଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା । (ଆଦି ୨:୭)

ଆଦମ (Adam) ଏକ ଏବ୍ରୀ ପଦ । ତାହା ଦୁଇ Alef ଓ Dolet ପଦର ସମଷ୍ଟିର Alef ର ଅର୍ଥ ସଦାପ୍ରଭୁ ଓ Dolet Memର ଅର୍ଥ ରକ୍ତ । ବାକ୍ୟରେ କୁହାଯାଏ, ''ସଦାପ୍ରଭୁ ମନୁଷ୍ୟର ଅନ୍ତରରେ ଆତ୍ମା ନିର୍ମାଣ କରନ୍ତି ।'' (ଯିଖରିୟ ୧୨:୧) । ଜ୍ଞାନୀ ଶଲୋମନ ଲେଖନ୍ତି, ମନୁଷ୍ୟର ଆତ୍ମା ସଦାପ୍ରଭୁଙ୍କର ପ୍ରଦୀପ, ତାହା ଅନ୍ତରାଳସ୍ଥ ସବୁ ବିଷୟ ଅନୁସନ୍ଧାନ କରେ । (ହିତ ୨୦:୨୭) । ସରଳରେ କହିବାକୁ ଗଲେ, ଆମ୍ଭେମାନେ ମର୍ତ୍ତ୍ୟ ଶରୀରର ନିବାସ କରୁଥିବା, ଆତ୍ମା, ଆତ୍ମା ବିନୁ ଶରୀର ମୃତ (ଯାକୁବ ୨:୩୬) । ଏହା ମନୁଷ୍ୟର ପ୍ରଥମ ସ୍ଥିତି ।

**(୧) ଶାରିରୀକ ଜୀବନ (Embodied State) :** ସଦାପ୍ରଭୁ ଏହି ଶରୀରର ସୃଷ୍ଟି କର୍ତ୍ତା । ଦାଉଦ ମହାରାଜା ଲେଖନ୍ତି, ''କାରଣ ତୁମ୍ଭେ ମୋହର ମର୍ମର କର୍ତ୍ତା । ତୁମ୍ଭେ ମୋତେ ଗର୍ଭରେ ଆଚ୍ଛାଦିତ କରିଅଛ । ମୁଁ ତୁମ୍ଭଙ୍କୁ ଧନ୍ୟବାଦ ଦେବି । କାରଣ ମୁଁ

ଭୟଙ୍କର ଓ ଆଶ୍ଚର୍ଯ୍ୟ ରୂପେ ନିର୍ମିତ । (ଗୀତ ୧୩୯ : ୧୩) ମନୁଷ୍ୟର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ଆଲୋଚନା କଲେ ଭୟଙ୍କର ଓ ଆଶ୍ଚର୍ଯ୍ୟ ଲାଗେ । (ଗୀତ ୧୩୯ : ୧୪) । ଆମ୍ଭମାନଙ୍କ ଶରୀର ମୁଖ ଯେତେ ସୁନ୍ଦର ହେଲେ ବି, ତାହା କ୍ଷୟ ପାଏ ଓ ମରଣଶୀଳ ।'' (୨କରିନ୍ଥୀ ୫:୧-୨)

ମନୁଷ୍ୟ ଶରୀରରେ ରହି ଆର୍ତ୍ତନାଦ କରେ । ସ୍ତ୍ରୀଜାତ ମନୁଷ୍ୟ ଅଳ୍ପ ଓ ଦୁଃଖରେ ପରିପୂର୍ଣ୍ଣ । ସେ ପୁଷ୍ପତୁଲ୍ୟ ପ୍ରସ୍ଫୁଟିତ ହୋଇ କଟାଯାଏ, ମଧ୍ୟ ସେ ପୁଷ୍ପତୁଲ୍ୟ ବହି ଯାଇ ସ୍ଥିର ନ ଥାଏ । (ଆୟୁବ ୧୪:୧) । ''ଯେଣୁ ଆମ୍ଭେମାନେ ତ ଆମ୍ଭମାନଙ୍କ ସ୍ୱର୍ଗୀୟ ଗୃହ ରୂପ ବସ୍ତ୍ରରେ ପରିହିତ ହେବାକୁ ଇଚ୍ଛା କରି ଏହି ଗୃହରେ ଥାଉ ଥାଉ ଆର୍ତ୍ତନାଦ କରୁଅଛୁ ।'' (୨ କରିନ୍ଥୀ ୫:୩) । କିନ୍ତୁ ଆମ୍ଭମାନଙ୍କ ଶାରିରୀକ ଜୀବନ ଏହି ପୃଥିବୀରେ ସୀମିତ । (ଗୀତ ୯୦:୧୦) । ଏହି ଜୀବନରେ ସାଧିତ ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ଆମ୍ଭେମାନଙ୍କୁ ଶେଷ ଦିନରେ ସଦାପ୍ରଭୁଙ୍କ ହିସାବ ଦେବାକୁ ହେବ । କାରଣ ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରା କୃ^ ୁର୍ମନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାରସୀନ ଛାମୁରେ ଆମ୍ଭେ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ । (୨ କରିନ୍ଥୀ ୫:୧୦) । ମରଣରେ ଆମ୍ଭେମାନେ ଏହି ମର୍ତ୍ତ୍ୟ ଶରୀର ପରିତ୍ୟାଗ କର ଉଡ଼ିଯିବୁ । (ଗୀତ ୫୫: ୭) । ମାଟିରେ ନିର୍ମିତ ଏହି ଶରୀର ପୁନଃର୍ବାର ମାଟି ହୋଇଯିବ । (ଆଦି ୩:୧୯)

**(୨) ଶରୀର ବିନୁ ଆତ୍ମାର ସ୍ଥିତି (The Disembodied):** ମରଣ ପରେ ଶରୀର ମାଟିରେ ମିଳିତ ହୁଏ । ମୃତ ଶରୀରକୁ କେତୋକ ଧର୍ମଶାଖାମାନେ କବର ଦିଅନ୍ତି, କେତେକ ଦଗ୍ଧ କରନ୍ତି, କେତେକ ପକ୍ଷୀକୁ ଭକ୍ଷ୍ୟ ରୂପେ ମୃତ୍ୟୁପରେ ଶରୀରର ଆବଶ୍ୟକତା ରହି ନ ଥାଏ । ଆମ୍ଭେମାନେ ପୂର୍ଣ୍ଣ ସ୍ମୃତିରେ ରହିବୁ, କିନ୍ତୁ ଜୀବିତମାନଙ୍କ ସହ ଯୋଗାଯୋଗ କରି ପାରିବୁ ନାହିଁ କିଅବା ଜୀବିତମାନେ ମୃତମାନଙ୍କ ସହ ଯୋଗାଯୋଗ କରି ପାରନ୍ତି ନାହିଁ । ଯୀଶୁ କହିଲେ "ସେ ମୃତମାନଙ୍କର ଈଶ୍ୱର ନୁହନ୍ତି ମାତ୍ର ଜୀବିତ ମାନଙ୍କର ...।" (ମାର୍କ ୧୨;୨୭) ଲୂକ ୧୬:୧୯-୩୧ ପଦ ଗୁଡ଼ିକରେ ବର୍ଣ୍ଣିତ ଲାଜର ଓ ଧନୀଲୋକ ମୃତ୍ୟୁ ଭୋଗି ଶରୀର ତ୍ୟାଗ କରିଥିଲେ କିନ୍ତୁ ସେମାନଙ୍କ ଆତ୍ମା ଏବେ ପର୍ଯ୍ୟନ୍ତ ଜୀବିତ ଅଛନ୍ତି । ଲାଜର ଅବ୍ରାହମଙ୍କ କୋଳରେ

ପାରଦୀଶ ଓ ଧନୀ ଲୋକ ନରକ ଯନ୍ତ୍ରଣା ଭୋଗୁ ଅଛନ୍ତି । ଦୁହେଁ ସ୍ମୃତିହୀନ ନ ଥିଲେ ଏକକୁ ଆରେକ ଚିହ୍ନି ପାରିଥିଲେ । କିନ୍ତୁ ସେମାନଙ୍କ ମଧ୍ୟରେ ଅଗାଧ ବ୍ୟବଧାନ ଥିବାରୁ ଏକକୁ ଆରେକ ଯୋଗାଯୋଗ କରିବା ଅସମ୍ଭବ । ଲାଜର ଅବ୍ରାହାମଙ୍କ କୋଳରେ ବିଶ୍ରାମ ନେଉ ଅଛନ୍ତି । ଧନୀ ଲୋକଙ୍କ ପାଇଁ, ଜଳ, କିଅବା ଆଲୋକ ନାହିଁ । ସେ ଅନନ୍ତ କାଳ ପାଇଁ ଯନ୍ତ୍ରଣା ଭୋଗୁ ଅଛନ୍ତି ଓ ଭୋଗିବେ । ଆଦମଙ୍କଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ମୃତ ପ୍ରତ୍ୟେକ ଏହି ସ୍ଥିତିରେ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ପର୍ଯ୍ୟନ୍ତ ରହିବେ, ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନରେ ପ୍ରତ୍ୟେକ ମନୁଷ୍ୟ ଏକ ନୂତନ ସ୍ୱଭାବ ପ୍ରାପ୍ତ ହେବ । (୧ଥେସ ୪:୧୩-୧୮, ଯୋହନ ୪:୨୮-୨୯)

**(୩) ନୂତନ ଶରୀର ଧାରଣ ସ୍ଥିତି (Re-embodied State):** ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନରେ ଆମ୍ଭେମାନେ କିପରି ଶରୀର ପ୍ରାପ୍ତ ହେବା, ପ୍ରେରିତ ପାଉଲ ୧ମ କରିନ୍ଥୀ ୧୫: ୩୫ରେ ବର୍ଣ୍ଣନା କରିଅଛନ୍ତି । ଯୀଶୁଖ୍ରୀଷ୍ଟ ମରଣ ଭୋଗି, ଏକ ନୂତନ ଶରୀର ଧାରଣ କରି ପୁନଃରୁତ୍ଥିତ ହୋଇଥିଲେ । ତାହା ପୁରାତନ ଶରୀର ସଦୃଶ୍ୟ ନ ଥିଲା । ପ୍ରଥମ ଶରୀର କ୍ଷୟ ଶରୀର କିନ୍ତୁ ଦ୍ୱିତୀୟ ଶରୀର ଅକ୍ଷୟ ଶରୀର । (୧ମ କରିନ୍ଥୀ ୧୫;୪୨ -୪୪) କିନ୍ତୁ ଦୁଇ ଶରୀରର ରୂପ ସମ । ଯୀଶୁଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ଶରୀରର ହସ୍ତପଦ ଓ ବକ୍ଷରେ ଆଘାତର ଚିହ୍ନଥିଲା । (ଯୋହନ ୨୦:୨୭) ନୂତନ ଶରୀରଧାରୀ ଯୀଶୁଖ୍ରୀଷ୍ଟ ଅଦୃଶ୍ୟ ହୋଇ ପାରିଥିଲେ ଓ ରୁଦ୍ଧ କୋଠରୀରେ ପ୍ରବେଶ କରି ପାରିଥିଲେ । (୧୯ ପଦ) ପୁନଃରୁତ୍ଥିତ ଯୀଶୁଙ୍କୁ ଦେଖି ଶିଷ୍ୟମାନେ ଉତ୍ସାହିତ ହୋଇ ଆନନ୍ଦିତ ହୋଇଥିଲେ । ନୂତନ ଶରୀର ରକ୍ତ ଓ ମାଂସରେ ଗଠିତ ନୋହିବ ବରଂ ଅକ୍ଷୟ ହେବ । (୧ମ କରିନ୍ଥୀ ୧୫:୪୨-୫୪) ଯୀଶୁଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନରେ ସେ ଏହି କ୍ଷୟ ଶରୀରକୁ ମହିମା ଶରୀରରେ ପରିବର୍ତ୍ତିତ କରିବେ । (ଫିଲି ୩:୨୧) ପ୍ରଭୁ ଯୀଶୁ ମୃତ୍ୟୁରୁ ଉତ୍ଥିତ ହେବା ପରେ, ଯେଉଁ ଶରୀର ସେ ପାଇଥିଲେ, ଅମ୍ଭେମାନେ ସେହି ଶରୀର ପ୍ରାପ୍ତ ହେବା । (୧ମ ଯୋହନ ୩:୨) । ଏହି ପୁନଃରୁତ୍ଥିତ ଶରୀରକୁ ବିବାହ କିଅବା ଅନ୍ୟ କୌଣସି ଅଭିଳାଷ ରହିବ ନାହିଁ । (ମାଥିଉ ୨୨:୩୦) କ୍ଷୁଧା, ତୃଷ୍ଣା, ଦୁଃଖ ବା ରୋଗ ସେଠାରେ ନୋହିବ । (ପ୍ରକା ୨୧:୩-୪) ପ୍ରଭୁଙ୍କ ଦ୍ୱିତୀୟ ଆଗମନରେ ଅଥବା

ପୁନଃରୁତ୍ଥାନର ଦିନରେ ମୃତ୍ୟୁର ଲୋପ ହେବ । ଏହା ସ୍ୱର୍ଗ ଏହା ଅନନ୍ତ ଜୀବନ ।

ଅନନ୍ତ ଜୀବନରେ ଭାଗୀ ହେବା ନିମନ୍ତେ ଏହି ଧାରାରେ ଧାର୍ମିକ ଜୀବନ ଯାପନ କରୁ । ଶରୀର କୃତ କାର୍ଯ୍ୟ ବିଷୟରେ ଅମ୍ଭେମାନେ ବିଚ୍ଛାରିତ ହେବୁ ।

**- Joshua Gootam**

❋❋❋

# ଅଦୃଶ୍ୟଙ୍କର ଦର୍ଶନ

## (Seeing Him who is Invisible)

ଏବ୍ରୀ ପୁସ୍ତକ କର୍ତ୍ତା ମୋଶାଙ୍କ ବିଷୟରେ ଲେଖନ୍ତି, ''ବିଶ୍ୱାସ ଦ୍ୱାରା ସେ ରାଜାଙ୍କ କ୍ରୋଧକୁ ଭୟ ନ କରି ମିସର ପରିତ୍ୟାଗ କଲେ, ଯେଣୁ ଯେ ଅଦୃଶ୍ୟ, ତାହାଙ୍କୁ ଦର୍ଶନ କଲା ପରେ ସୁସ୍ଥିର ରହିଲେ ।'' (ଏବ୍ରୀ ୧୧:୨୭) । ଏଥି ପୂର୍ବେ ନୋହଙ୍କ ବିଷୟରେ ସେ କହନ୍ତି, ''ବିଶ୍ୱାସ ଦ୍ୱାରା ନୋହ ସେ ସମୟ ପର୍ଯ୍ୟନ୍ତ ଅପ୍ରକାଶିତ ବିଷୟ ସମ୍ବନ୍ଧରେ ପ୍ରତ୍ୟାଦେଶ ପାଇ ଭକ୍ତି ସହକାରେ ଆପଣା ପରିବାର ରକ୍ଷା ନିମନ୍ତେ ଗୋଟିଏ ଜାହାଜ ନିର୍ମାଣ କଲେ, ପୁଣି ସେହି ବିଶ୍ୱାସ ଦ୍ୱାରା ସେ ଜଗତକୁ ଦୋଷୀ କରି ବିଶ୍ୱାସନୁଯାୟୀ ଧାର୍ମିକତାର ଅଧିକାରୀ ହେଲେ "(ଏବ୍ରୀ ୧୧:୭) । ଏହି ଦୁଇ ଭକ୍ତ ବିଶ୍ୱାସ, ଯାହାକି ପ୍ରତ୍ୟାଶିତ ବିଷୟର ମୂଳଭୂମି ଏବଂ ଅଦୃଶ୍ୟ ବିଷୟର ମୂଳଭୂମି ଦ୍ୱାରା ଏହି ସବୁ କାର୍ଯ୍ୟ କରି ପାରିଥିଲେ । ଏହି ତିନି ବାକ୍ୟରେ "ଅଦୃଶ୍ୟ" ପଦ ବ୍ୟବହୃତ ହୋଇ ଅଛି । ଏହି ଜଗତରେ ଖ୍ରୀଷ୍ଟିୟାନ ରୂପେ ଅନେକ ଦୁଃଖ କଷ୍ଟ ସହ୍ୟ କରୁ । ଅଦୃଶ୍ୟ ବିଷୟରେ ଭରସା ରଖୁ । ମୋଶାଙ୍କ ସଦୃଶ୍ୟ ଶତ୍ରୁମାନଙ୍କ ସମ୍ମୁଖୀନ ହୋଇଥାଉ, ପରମେଶ୍ୱରଙ୍କ ଯୋଜନାର ଅର୍ଥ ନ ବୁଝିଲେ ବି ବିନା ସନ୍ଦେହରେ ତାହାଙ୍କ ଆଜ୍ଞା ସକଳ ପାଳନ କରୁ । ଏହି ଦୁଇ ଭକ୍ତଙ୍କ ସଦୃଶ୍ୟ, ଆଜ୍ଞା... ବିଶ୍ୱାସ ଦ୍ୱାରା ସମସ୍ତ ବିଜୟୀ ହୋଇ ପାରିବା ।

ଆମ୍ଭମାନଙ୍କ ବିଶ୍ୱାସ, ଭରସା ସେହି "ଅଦୃଶ୍ୟ ବ୍ୟକ୍ତି" ଅଟନ୍ତି । ପ୍ରେରିତ

ପାଉଲ କହନ୍ତି, "କାରଣ ଆମ୍ଭେମାନେ ଦୃଶ୍ୟ ବିଷୟ ଦେଇ ଜୀବନ ଯାପନ ନ କରି ବିଶ୍ୱାସରେ ଜୀବନ ଯାପନ କରୁଅଛୁ ।" (୨ କରନ୍ଥୀ ୫:୧) । ଯେଉଁ "ପ୍ରଭୁ ମୋହର ସହାୟ ସେ ଆମ୍ଭଙ୍କୁ କେବେହେଁ ଛାଡ଼ିବେ ନାହିଁ କି, ପରିତ୍ୟାଗ କରିବେ ନାହିଁ ବୋଲି ପ୍ରତିଜ୍ଞା କରି ଅଛନ୍ତି ତାହାଙ୍କ ଠାରେ ପ୍ରତିଜ୍ଞାରେ ବିଶ୍ୱାସ ରଖି ଖ୍ରୀଷ୍ଟୀୟ ଜୀବନରେ ଅଗ୍ରସର ହେଉଁ । "ଏଣୁ ତୁମ୍ଭେମାନେ ଯେପରି ଦୁର୍ଦ୍ଦିନରେ ପ୍ରତିରୋଧ କରି ସର୍ବଜୟୀ ହୋଇ ଅଟଳ ରହିପାର, ଏଥିନିମନ୍ତେ ଈଶ୍ୱରଙ୍କ ସମସ୍ତ ସଜ୍ଜା ଗ୍ରହଣ କର" (ଏଫିସୀ ୬:୧୩) । ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କୁ ଭରସା ଦିଏ "ଅତଏବ ହେ ମୋହର ପ୍ରିୟ ଭାଇମାନେ ପ୍ରଭୁଙ୍କ ସେବାରେ ତୁମ୍ଭମାନଙ୍କ ପରିଶ୍ରମ ନିଷ୍ଫଳ ନୁହେଁ, ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହି ସର୍ବଦା ଅଧିକରୁ ଅଧିକତର ଯତ୍ନବାନ୍ ହୁଅ ।" (୧ମ କରିନ୍ଥୀ ୧୫:୫୮) । ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ କହିଥିଲେ, "ଆଉ ମୋହର ନାମ ସକାଶେ ତୁମ୍ଭେମାନେ ସମସ୍ତଙ୍କ ଦ୍ୱାରା ଘୃଣିତ ହେବ, ମାତ୍ର ଯେ ଶେଷ ପର୍ଯ୍ୟନ୍ତ ରଖି ରହିବ, ସେ ପରିତ୍ରାଣ ପାଇବ ।" (ମାଥିଉ ୧୦:୨୨) ଆସ ଆମ୍ଭେମାନେ ଆମ୍ଭମାନଙ୍କ ଅଦୃଶ୍ୟ ପରମେଶ୍ୱରଙ୍କ ସନ୍ତୋଷଜନକ ଜୀବନ ଯାପନ କରୁ ।

**- *Brian Kenyon***

❋❋❋

# କ୍ରୁଶର ବାର୍ତ୍ତା

## (Revelation From Cross)

ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି "ଅତଏବ ଏତେ ବୃହତ ମେଘତୁଲ୍ୟ ସାକ୍ଷୀମାନଙ୍କ ଦ୍ୱାରା ବେଷ୍ଟିତ ହେବାରୁ ଆସ ଆମ୍ଭେମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପତ୍ୟାଗ କରି ବିଶ୍ୱାସର ନେତା ଓ ସିଦ୍ଧିଦାତା । ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟରେ ସହକାରେ ଆମ୍ଭମାନଙ୍କ ମନ୍ତବ୍ୟ ପଥରେ ଧାବମାନ ହେଉଁ ।'' (ଏବ୍ରୀ ୧୨:୧-୨) ଯୀଶୁଖ୍ରୀଷ୍ଟଙ୍କ କ୍ରୁଶ ପ୍ରତି ଦୃଷ୍ଟି ହେଲେ, ତାହା ଆମ୍ଭମାନଙ୍କୁ କଅଣ ଜଣାଏ ?

(୧) ଖ୍ରୀଷ୍ଟଙ୍କ କ୍ରୁଶ, ପାପ ପ୍ରତି ପରମେଶ୍ୱରଙ୍କ ମନୋଭାବ ପ୍ରକଟ କରେ : ମନୁଷ୍ୟ ପାପକୁ ଏକ ଆକସ୍ମିକ ପଦକ୍ଷେପ ବୋଲି ମନେ କରେ, କିନ୍ତୁ ସଦାପ୍ରଭୁ ତାହା ଅପରାଧ ରୂପେ ପରି ଗଣିତ କରନ୍ତି ।

ମନୁଷ୍ୟ ପାପକୁ ଅସାବଧାନତା ଜନିତ ବୁଝି ମନେକରେ, କିନ୍ତୁ ସଦାପ୍ରଭୁ ପାପ ଆତ୍ମୀୟ ଅନ୍ଧତାରୂପେ ପରିଗଣିତ କରନ୍ତି, ମନୁଷ୍ୟ ଆପଣା ପାପ ମାନସିକ ଦୁର୍ବଳତା ମନେ କରେ, କିନ୍ତୁ ପରମେଶ୍ୱର ପାପକୁ ମନୁଷ୍ୟର ହୃଦୟରୁ ଜାତ ବୋଲି ଘୃଣା କରନ୍ତି "ଯେକେହି ପାପ କରେ, ସେ ମଧ୍ୟ ବ୍ୟବସ୍ଥା ଲଂଘନ କରେ କାରଣ ବ୍ୟବସ୍ଥା ଲଂଘନ ହିଁ ପାପ ।'' (୧ମ ଯୋହନ ୩:୪) ସଦାପ୍ରଭୁ ପାପକୁ ଘୃଣା କରନ୍ତି, "ତାହାପରେ କାମନା ଗର୍ଭଧାରଣ କରି ପାପ ପ୍ରସବ କରେ ପୁଣି ପାପ ପୂର୍ଣ୍ଣ ମାତ୍ରାରେ ବୃଦ୍ଧି ପାଇ ମୃତ୍ୟୁକୁ ଜନ୍ମ ଦିଏ ।" (ଯାକୁବ ୧:୧୫) କ୍ରୁଶର ପଥ ଦ୍ୱାରା ସଦାପ୍ରଭୁ ପାପର ବିନାଶ କରି ଅଛନ୍ତି । "....ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ ।''(୧ମ ଯୋହନ ୩:୮)

(୨) କ୍ରୁଶ ମନୁଷ୍ୟ ସ୍ୱଭାବ ପ୍ରକଟ କରେ :- ଯୀଶୁ ପିଲାତଙ୍କ ସମ୍ମୁଖରେ ବିଚାରିତ ହେବା ସମୟରେ ଜନସମୂହ ''...... ସେମାନେ ଅତ୍ୟନ୍ତ ଚିତ୍କାର କରି କହିଲେ, ସେ କ୍ରୁଶରେ ଚଢ଼ାଯାଉ ।" (ମାଥିଉ ୨୭:୨୩) ଯିହୂଦୀ ମାନେ ଯୀଶୁଙ୍କୁ ଈର୍ଷାରେ ସମର୍ପଣ କରିଥିଲେ ବୋଲି ପିଲାତ ଜାଣିଥିଲେ ।" (ମାଥିଉ ୨୭:୧୮) । ସେହି ପ୍ରଧାନ ଯାଜକ, ଯିହୂଦୀ ନେତା ମାନଙ୍କ ବିଷୟରେ ପିତର କରନ୍ତି, "ସେହି ବ୍ୟକ୍ତି ଈଶ୍ୱରଙ୍କ ନିରୂପିତ ସଂକଳ୍ପ ଓ ପୂର୍ବ ଜ୍ଞାନନୁସାରେ ସମର୍ପିତ ହୁଅନ୍ତେ, ଆପଣମାନେ ତାହାଙ୍କୁ ଅଧାର୍ମିକମାନଙ୍କ ହସ୍ତ ଦ୍ୱାରା କ୍ରୁଶାରୋପଣ କରି ବଧ କରିଥିଲେ ।" (ପ୍ରେରିତ ୨:୨୩) । ମାଥିଉ ୨୭:୨୫ ପଦରେ ଲେଖାଯାଏ ସେମାନଙ୍କ ଆନ୍ତରିକ ସ୍ୱଭାବ ପ୍ରକଟ ହୁଏ । ଯାହା କହେ, "ଏଥିରେ ସମସ୍ତ ଲୋକ ଉତ୍ତର ଦେଲେ, ତାହାର ରକ୍ତ ଆମ୍ଭମାନଙ୍କ ଓ ଆମ୍ଭମାନଙ୍କ ସନ୍ତାନମାନଙ୍କ ଉପରେ ବର୍ତ୍ତୁ ।" କ୍ରୁଶ ମନୁଷ୍ୟ ନୀଚ ସ୍ୱଭାବ ଓ ସଦାପ୍ରଭୁଙ୍କ ଶ୍ରେଷ୍ଠତମ ସ୍ୱଭାବ ପ୍ରକଟ କରେ ।

(୩) କ୍ରୁଶ ସଦାପ୍ରଭୁଙ୍କ ପ୍ରେମ ପ୍ରକଟ କରେ :- କ୍ରୁଶ ଦ୍ୱାରା ସଦାପ୍ରଭୁଙ୍କ ପ୍ରେମ ପ୍ରକଟ ହୁଏ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, "କିନ୍ତୁ ଆମ୍ଭେମାନେ

ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।" (ରୋମୀୟ ୫:୮) । ପୁନଃର୍ବାର ସେ ଏଫିସୀ ମଣ୍ଡଳୀକୁ ଲେଖନ୍ତି, "ମାତ୍ର ଏପରି ଅପରାଧରେ ମୃତ ହେଲେ ହେଁ, ଦୟାସଗର ଯେ ଈଶ୍ୱର, ସେ ଆମ୍ଭମାନଙ୍କୁ ଯେଉଁ ମହା ପ୍ରେମରେ ପ୍ରେମକଲେ ।" (ଏଫିସୀ ୨:୪) । ସଦାପ୍ରଭୁଙ୍କ ପ୍ରେମ ଅନନ୍ତକାଳ ସ୍ଥାୟୀ । "ମୁଁ ଆପଣାର ସର୍ବାନ୍ତଃକରଣରେ ତୁମ୍ଭର ଧନ୍ୟବାଦ କରିବି, ଦେବଗଣ ସାକ୍ଷାତରେ ମୁଁ ତୁମ୍ଭ ଉଦ୍ଦେଶ୍ୟରେ ପ୍ରକାଶ ଗାନ କରିବି ।" (ଗୀତ ୧୩୮:୧) । ନିତ୍ୟ ସତ୍ୟ ହେଲା, ସଦାପ୍ରଭୁ ପ୍ରେମ ଅଟନ୍ତି । (୧ମ ଯୋହନ ୪:୮)

**(୪) କ୍ରୁଶ, ମନୁଷ୍ୟର ଆଶା ସମ୍ପୂର୍ଣ୍ଣ ହୁଏ :** କ୍ରୁଶ ଦ୍ୱାରା ମନୁଷ୍ୟ ଆପଣା ଅପରାଧରୁ ମୁକ୍ତ ହୁଏ । "ତାହାଙ୍କ ଅନୁଗ୍ରହ ରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧ ସବୁରୁ କ୍ଷମା ପ୍ରାପ୍ତ ହୋଇ ଅଛୁ ।" (ଏଫିସୀ ୧:୭) । କ୍ରୁଶ ଦ୍ୱାରା ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ଶାନ୍ତି ସ୍ଥାପିତ ହୋଇ ଅଛି । "ପୁଣି ତାହାଙ୍କ କ୍ରୁଶର ରକ୍ତରେ ସେ ଶାନ୍ତି ସ୍ଥାପନ କରି ତାହାଙ୍କ ଦ୍ୱାରା ଆପଣା ସହିତ ସମସ୍ତ ମିଳନ କରନ୍ତି, ହଁ, ତାହାଙ୍କ ଦ୍ୱାରା ପୃଥିବୀ ବା ସ୍ୱର୍ଗରେ ସ୍ଥିତ ସମସ୍ତ ବିଷୟର ମିଳନ କରନ୍ତି ।" (କଲସୀ ୧:୨୦) । କ୍ରୁଶ ଦ୍ୱାରା ଆମ୍ଭେମାନେ ନିତ୍ୟ ନିବାସ ସ୍ୱର୍ଗରେ ପ୍ରବେଶ ପାଇ ପାରିବା କାରଣ ଆମ୍ଭମାନଙ୍କ ନାଗରିକତ୍ୱ ସ୍ୱର୍ଗରେ ଅଛି । (ଫିଲିପ ୩:୨୦)

***- John Stacy***

❋❋❋

# ଆଲୋକର ସନ୍ତାନ ମାନଙ୍କ ପରି ଆଚରଣ କର

(ଏଫିସୀ ୫:୮)

**(Walk as Children of Light)**

ସଦାପ୍ରଭୂ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କର୍ତ୍ତା ଅଟନ୍ତି । ଏହି ସୁନ୍ଦର ସୃଷ୍ଟି ଏକ ସୃଷ୍ଟି କର୍ତ୍ତାଙ୍କ ହସ୍ତ କର୍ମ ପ୍ରମାଣ କରେ । ପରମେଶ୍ୱର କହିଲେ ଆମ୍ଭେ ଆପଣା ପ୍ରତିମୂର୍ତ୍ତୀରେ ଆପଣା ସାଦୃଶ୍ୟରେ ମନୁଷ୍ୟକୁ ନିର୍ମାଣ କରୁ । ''ଅନନ୍ତର ସଦାପ୍ରଭୂ ପରମେଶ୍ୱର ଭୂମିରୁ ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ନାସିକା ରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣ ବାୟୁ ପ୍ରବେଶ କରାଇଲେ, ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।'' (ଆଦି ପୁସ୍ତକ ୨:୭) । ''ସଦାପ୍ରଭୁ ପରମେଶ୍ୱର ମନୁଷ୍ୟକୁ ଆଶୀର୍ବାଦ କରି କହିଲେ ପ୍ରଜାବନ୍ତ ଓ ବହୁ ବଂଶ ହୁଅ ପୃଥିବୀକୁ ପରିପୂର୍ଣ୍ଣ କରି ବଶୀଭୂତ କର । ଜଗତର ମତ୍ସ୍ୟଗଣ ଓ ଖେଚର ପକ୍ଷୀଗଣ ଓ ପଶୁଗଣ ଓ ସମସ୍ତ ପୃଥିବୀ ଓ ଭୂମିର ଗମନଶୀଳ ସବୁ ଭ[illegible]ଣୀ ଜନ୍ତୁ ଉପରେ କର୍ତ୍ତୃତ୍ୱ କର ।'' ସଦାପ୍ରଭୂ ପରମେଶ୍ୱର ଭଲ ଓ ମନ୍ଦ ବୁଝିବାର ଶକ୍ତି କେବଳ ମନୁଷ୍ୟ ମାନଙ୍କୁ ପ୍ରଦାନ କରି ଅଛନ୍ତି । ଯାହାକି ଆତ୍ମା ଏବଂ ଜ୍ଞାନ, ମନୁଷ୍ୟକୁ ଏତେ ଉନ୍ନତ ଦିଗରେ ରଖି ଅଛନ୍ତି, ତେଣୁ ଆମ୍ଭେମାନେ ସର୍ବଦା ଈଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ କରିବା ଆବଶ୍ୟକ, ପ୍ରେରିତ ପିତର ଆପଣା ପ୍ରଥମ ପତ୍ରିକାରେ ଲେଖି ଅଛନ୍ତି "ଯେ ତୁମ୍ଭମାନଙ୍କୁ ଅନ୍ଧକାରରୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରି ଅଛନ୍ତି, ତୁମ୍ଭେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ କର ଏଥି ନିମନ୍ତେ ତୁମ୍ଭେମାନେ ଏକ ମନୋନୀତ ବଂଶ ରାଜକୀୟ ଯାଜକ ବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା ହୋଇ ଅଛ ।" (୧ପିତର ୨:୯.୯) ପରମେଶ୍ୱର ସର୍ବନିୟ ଭାବରେ ଆପଣା ସୃଷ୍ଟ ମନୁଷ୍ୟ ମାନଙ୍କ ଦ୍ୱାରା ପୂଜା, ଗୌରବ ପାଇବା ନିମନ୍ତେ ସେ ଇଛା କରନ୍ତି । ଆଉ ସେଥିକି ନୁହେଁ ସର୍ବଦା ଆଲୋକ ପଥରେ ଗମନ କରିବା ଏବଂ ତାହାଙ୍କ ଆଜ୍ଞା ପାଳନ କରିବା ନିମନ୍ତେ କହନ୍ତି, କାରଣ ସଦା ପ୍ରଭୂଙ୍କର ଆଜ୍ଞାସିଦ୍ଧ ଓ ଯଥାର୍ଥ ସହଜ ଓ ଉଶ୍ୱାସ ଅଟେ (ମଥିଉ ୧୧:୩୦) ଈଶ୍ୱରଙ୍କ ବାକ୍ୟହି

ଆମ୍ଭମାନଙ୍କର ପଥ ପ୍ରଦର୍ଶକ, ବାକ୍ୟହିଁ ଆମ୍ଭମାନଙ୍କର ଆଧାର ଓ ଆଲୋକ ଅଟେ ଏବଂ ବାକ୍ୟହିଁ ଆମ୍ଭମାନଙ୍କର ଜୀବନ । ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଅନୁସାରେ ଜୀବନ ଯାପନ କରନ୍ତି ଓ ବାକ୍ୟକୁ ଅତି ଯତ୍ନ ସହକାରେ ପଠନ କରନ୍ତି, ସେମାନେହିଁ ପ୍ରକୃତ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବେ । ‘‘କାରଣ ଈଶ୍ୱର ଯେ ମୁଖାପେକ୍ଷା କରନ୍ତି ନାହିଁ କିନ୍ତୁ ପ୍ରତ୍ୟେକ ଜାତିରେ ଯେ କେହି ତାହାଙ୍କୁ ଭୟକରି ଧର୍ମାଚରଣ କରେ ସେ ଯେ ତାହାଙ୍କ ନିକଟରେ ଗ୍ରାହ୍ୟ ହୁଏ ଏହା ମୁଁ ସତ୍ୟ ବୁଝିଅଛି ବୋଲି ପିତର କହି ଅଛନ୍ତି ।’’ (ପ୍ରେରିତ ୧୦:୩୪-୩୫) କେହି ଯଦି ବ୍ୟଭିଚାର କରେ ଓ ସମସ୍ତ ପ୍ରକାର ଅଶୁଚିତା ଯାହା ଯାହା ଅନୁପଯୁକ୍ତ ଏପରି କୁତ୍ସିତ ବ୍ୟବହାର ବା ଅସାର କଥା ଓ ଲୋଭି, ଯେଉଁମାନେ ଏହି ବିଷୟରେ ଆଜ୍ଞାବହ ସେମାନଙ୍କ ଉପରେ ଈଶ୍ୱରଙ୍କ କ୍ରୋଧ ବର୍ତ୍ତେ । ତେଣୁ ପ୍ରେରିତ ପାଉଲ କହନ୍ତି, ସ୍ୱଜାତି ଓ ବିଜାତି ମାନେ ଯେପରି ଅନ୍ଧକାରରୁ ଆଲୋକ ପ୍ରତି ଓ ଶୟତାନ ଶକ୍ତିରୁ ଈଶ୍ୱରଙ୍କ ପ୍ରତି ଫେରନ୍ତି, ‘‘କାରଣ ତୁମ୍ଭେମାନେ ପୂର୍ବରେ ଅନ୍ଧକାର ସ୍ୱରୂପ ଥିଲ, କିନ୍ତୁ ଏବେ ପ୍ରଭୁଙ୍କ ସହଭାଗିତାରେ ଆଲୋକ ସ୍ୱରୂପ ହୋଇ ଅଛ, ତେଣୁ ତୁମ୍ଭେମାନେ ଆଲୋକ ସନ୍ତାନ ମାନଙ୍କ ପରି ଆଚରଣ କର ।’’ (ଏଫିସୀ ୫:୮) ସମସ୍ତେ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ହୋଇ ଥିବାରୁ ତାହାଙ୍କ ଆଜ୍ଞା ପାଳନ କରିବା ଓ ସର୍ବଦା ଆଲୋକ ପଥରେ ଗମନ କରିବା ଏବଂ ପରମେଶ୍ୱର ଦୃଷ୍ଟିରେ ଯାହା ଉତ୍ତମ ନମ୍ରତା, ପ୍ରେମ ବିଶ୍ୱାସ ପବିତ୍ରତାରେ ଆଚରଣ କରିବା, ଆନନ୍ଦରେ ଈଶ୍ୱରଙ୍କ ଗୌରବ କରିବା ଏବଂ ମଣ୍ଡଳୀର ସଭ୍ୟମାନଙ୍କ ଅଭାବ ମୋଚନ କରିବା, ଏହି ସମସ୍ତ ବିଷୟରେ ଆଚରଣ କରିବା ନିମନ୍ତେ ସଦାପ୍ରଭୁ ପରମେଶ୍ୱର ସମସ୍ତ ଲୋକମାନଙ୍କୁ ଏହି ଆଜ୍ଞା ଦେଇ ଅଛନ୍ତି । ମନୁଷ୍ୟ ମାନଙ୍କର ପାପ ମୁକ୍ତ କରିବା ନିମନ୍ତେ ଯୀଶୁ ଖ୍ରୀଷ୍ଟ ଏହି ଜଗତକୁ ଆସିଥିଲେ ମନୁଷ୍ୟ ସଦୃଶ୍ୟ ହୋଇ ଦାସ ରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ, ଯୀଶୁ ଖ୍ରୀଷ୍ଟ ଏହି ଜଗତରେ ଜୀବନ ଯାପନ କରିବା ଅନ୍ଧକାରରେ ଥିବା ଲୋକମାନଙ୍କୁ ଆଲୋକ ପଥରେ କଢ଼ାଇ ଆଣୁଥିଲେ ଅର୍ଥାତ ପାପରେ ଥିବା ଲୋକମାନଙ୍କୁ ଉଦ୍ଧାର କରି ପିତା ଈଶ୍ୱରଙ୍କୁ ଗୌରବ

କରିବା ନିମନ୍ତେ ଆଜ୍ଞା ଦେଇ ଉତ୍ସାହିତ କରୁଥିଲେ । ଅନେକ ଲୋକମାନେ ତାହାଙ୍କ ଠାରେ ବିଶ୍ୱାସ କଲେ ଓ ତାହାଙ୍କ ପଛେ ପଛେ ଅନୁଗମନ କରିବାକୁ ଲାଗିଲେ । ଏହିପରି ନିର୍ଦ୍ଦୋଷ ନିଷ୍ପାପି ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କର ପାପ ନିମନ୍ତେ ସେହି କାଲବରୀ କ୍ରୁଶରେ ଆପଣା ରକ୍ତ ଝରାଇଲେ ଏବଂ ଅନେକ ଦୁଃଖ ଓ କ୍ଲେଶ ଭୋଗିଥିଲେ, ତେଣୁ ଆମ୍ଭେମାନେ ସମସ୍ତ ପ୍ରକାର ଉତ୍ତମତା ଓ ଧାର୍ମିକତା ସତ୍ୟ ଆଲୋକ ଫଳ ସରୂପ ହେବା ଓ ପ୍ରଭୁଙ୍କୁ ସନ୍ତୋଷ କନକ ତାହାଙ୍କୁ ବାକ୍ୟ ଅନୁସନ୍ଧାନ କରିବା ଏବଂ ଅନ୍ଧକାର ନିଷ୍ଫଳ କର୍ମ ସବୁରେ ସହଭାଗି ନହେବା, ବଂର ଆତ୍ମାଙ୍କ ଫଳ ସର୍ବ ପ୍ରକାର ମୃଦୁତା ଓ ଦୀର୍ଘ ସହିଷ୍ଣୁତା, ପରସ୍ପର ପ୍ରତି ସହନଶୀଳତା, ଆନନ୍ଦ, ଶାନ୍ତି ଏହି ସମସ୍ତ ବିଷୟରେ ଆଚରଣ କରିବା । (ଏଫିସି ୪:୨) ''ଯୀଶୁ କହିଲେ ମୁଁ ଜଗତର ଜ୍ୟୋତି ଯେ ମୋତେ ଅନୁଗମନ କରିବ ସେ କେବେ ଏହି ଅନ୍ଧକାରର ଭ୍ରମଣ କରିବ ନାହିଁ, ବଂର ସେ ଜୀବନରେ ଜ୍ୟୋତି ପାଇବ ଅର୍ଥାତ ଅନନ୍ତ ଜୀବନ, ସେହି ଅନନ୍ତ ଜୀବନ ପାଇବାକୁ ହେଲେ ଏହି ୩ଟି ବିଷୟକୁ ଅବଲମ୍ବନ କରିବା ଆବଶ୍ୟକ ।''

(୧) ସଦାପ୍ରଭୁଙ୍କ ଆଜ୍ଞା ପାଳନ କରିବା (ଯୋହନ ୧୫:୧-୧୬)

(୨) ସଦାପ୍ରଭୁଙ୍କ ଭୟ କରିବା (ଉପଦେଶକ ୧୨:୧୩)

(୩) ପିତାମାତାଙ୍କୁ ପ୍ରେମ କରିବା (ହିତୋପଦେଶ ୬:୨୦)

ମୋଶାଙ୍କ ସମୟରେ ସେଥିରେ ପଞ୍ଚମ ଆଜ୍ଞା ଥିଲା, ପିତାମାତାଙ୍କୁ ପ୍ରେମ କରିବା, କେବଳ ମୋଶାଙ୍କ ବ୍ୟବସ୍ଥାମାନଙ୍କ ନିମନ୍ତେ ଏହି ଆଜ୍ଞା ନ ଥିଲା, ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ମଧ୍ୟ ଏହି ଆଜ୍ଞା ଦେଇଅଛନ୍ତି, ''ହେ ପିଲାମାନେ ପ୍ରଭୁଙ୍କ ସକାଶେ ଆପଣା ପିତାମାତାଙ୍କୁ ଆଜ୍ଞାବହ ହୁଅ ଓ ପିତାମାତାଙ୍କୁ ସମାଦର କର, ପୁରାତନ ନିୟମରେ ଯେଉଁମାନେ ଆପଣା ପିତାମାତାଙ୍କୁ ଅବାଧ୍ୟ ହେଉ ଥିଲେ ସେମାନଙ୍କୁ ନଗର ବାହାର କରି ପ୍ରସ୍ତର ଘାତରେ ବଧ କରିବା ନିମନ୍ତେ ସଦାପ୍ରଭୁଙ୍କର ଆଜ୍ଞା ଥିଲା (ଦ୍ୱିତୀୟ ବିବରଣ ୨:୧୦-୧୩) ଏହି ଆଜ୍ଞା ବିଷୟରେ ଯୀଶୁଖ୍ରୀଷ୍ଟ (ମାଥିଉ ୧୫:୪)

ପଦରେ କହନ୍ତି, କେହି ପିତା କି ମାତାଙ୍କୁ ଅଭିଶାପ ଦିଏ ସେ ନିଶ୍ଚୟ ପ୍ରାଣଦଣ୍ଡ ଭୋଗ କରିବେ, ଜ୍ଞାନୀ ଶଲୋମନ କହନ୍ତି ତୁମ୍ଭେ ଜନ୍ମଦାତା ପିତାଙ୍କ କଥା ଶୁଣ, ପୁଣି ବୃଦ୍ଧା ହେଲେ ତାହାକୁ ତୁଚ୍ଛକର ନାହିଁ (ହିତୋପଦେଶ ୨୩:୨୨) ଆମ୍ଭେମାନେ ପିତାମାତାଙ୍କୁ ପ୍ରେମ କରିବା, ସମାଦାର କରି ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ, ସଦାପ୍ରଭୁ ଆମ୍ଭମାନଙ୍କୁ ଏହି ଆଜ୍ଞା ଦେଇ ଅଛନ୍ତି । ଅମ୍ଭେମାନେ ଦେଖିବା ଆଜିର ପରିସ୍ଥିତି କ'ଣ- ପୁରାତନ ନିୟମ କାଳରେ ପିତାମାତାଙ୍କୁ ସମାଦର ନ କରିବା ଯେପରି ପାପଥିଲା ଏବେ ଏହି ଅନୁଗ୍ରହ ଯୁଗରେ ମଧ୍ୟ ପାପ ଅଟେ, ଆମ୍ଭମାନଙ୍କର କଥା ବାର୍ତ୍ତା ଓ ଅଚାର ବ୍ୟବହାରରେ, ଆମ୍ଭମାନଙ୍କ ଜୀବନ ଶୈଳୀରେ ଆମ୍ଭେମାନେ ଅସମାଦର କରିଥାଉ । ତେଣୁ ଆମ୍ଭେମାନେ ପିତାମାତାଙ୍କୁ ସମାଦାର କରିବା ପ୍ରେମ କରିବା ଏହାହିଁ ସଦାପ୍ରଭୁଙ୍କର ଆଜ୍ଞା, ଏହିସବୁ ବିଷୟ ପାଳନ କରିବା ଦ୍ୱାରା ଆମ୍ଭେମାନେ ସଦା ପ୍ରଭୁଙ୍କଠାରେ ନିତ୍ୟ ଜୀବନ ପାଇ ପାରିବା ।

ଯେଉଁମାନେ ସଦାପ୍ରଭୂଙ୍କୁ ଭୟ କରନ୍ତି ଓ ତାହାଙ୍କ ଆଜ୍ଞା ପାଳନ କରି ତାହାଙ୍କ ଦୟାରେ ଭରସା ରଖନ୍ତି, ସମାନଙ୍କ ପ୍ରାଣ ମୃତ୍ୟୁରୁ ରକ୍ଷା କରିବା ପାଇଁ ଓ ଦୁର୍ଭିକ୍ଷ୍ୟ ଦୁଃଖ କ୍ଲେଶ ସମୟରେ ସେମାନଙ୍କୁ ବଞ୍ଚାଇବା ପାଇଁ ସେମାନଙ୍କ ଉପରେ ସଦା ପ୍ରଭୂଙ୍କର ଦୃଷ୍ଟି ଥାଏ ।

***- R. Sunil***

❋❋❋

# ଖ୍ରୀଷ୍ଟିୟ ଗୃହ
## (Christians in the Home)

**ସ୍ୱାମୀ:** "ହେ ସ୍ୱାମୀମାନେ ଆପଣା ଆପଣା ଭାର୍ଯ୍ୟାମାନଙ୍କୁ ପ୍ରେମ କର, ସେମାନଙ୍କ ପ୍ରତି କଟୁ ବ୍ୟବହାର କର ନାହିଁ । (କଲସୀ ୩:୧୯) । ଭାର୍ଯ୍ୟମାନଙ୍କୁ ଆପଣା ଆପଣା ସ୍ୱାମୀ ମାନଙ୍କ ବଶୀଭୁତ ହେବାକୁ କିଛି ସମୟ ଲାଗେ । କିନ୍ତୁ ସ୍ୱାମୀମାନଙ୍କୁ ଭାର୍ଯ୍ୟମାନଙ୍କ ବଶୀଭୁତ ହେବା ନିମନ୍ତେ କଠୋର ବ୍ୟବହାର କରିବା ଅନୁପଯୁକ୍ତ ।

ଖ୍ରୀଷ୍ଟ ଯେପରି ମଣ୍ଡଳୀକୁ ପ୍ରେମକରି ଆପଣାକୁ ଉତ୍ସର୍ଗ କରିଥିଲେ, ସ୍ୱାମୀମାନେ ଆପଣା ଆପଣା ଭାର୍ଯ୍ୟାମାନଙ୍କୁ ପ୍ରେମ କରିବା ଆବଶ୍ୟକ, "ଯେପରି ସ୍ୱାମୀମାନଙ୍କର ମଧ୍ୟ ଆପଣା ଆପଣା ସ୍ତ୍ରୀମାନଙ୍କୁ ନିଜ ନିଜ ଶରୀର ସଦୃଶ୍ୟ ପ୍ରେମ କରିବା ଉଚିତ, ଯେ ନିଜ ସ୍ତ୍ରୀକୁ ପ୍ରେମ କରେ ସେ ଆପଣାକୁ ପ୍ରେମ କରେ ।" (ଏଫିସୀ ୫: ୨୮-୨୯) । ଆପଣାକୁ, କିଅବା ଆପଣା କାର୍ଯ୍ୟକୁ କିଅବା କୌଣସି ବିଷୟ ସ୍ତ୍ରୀ ଠାରୁ ଅଧିକ ପ୍ରାଧାନ୍ୟତା ଦେବା ବାକ୍ୟ ବିରୁଦ୍ଧ । ପବିତ୍ରତାରେ ବୃଦ୍ଧିବାରେ ସାହାର୍ଯ୍ୟ କରିବା ଆବଶ୍ୟକ । ଏପରି ପ୍ରେମରେ ବୃଦ୍ଧି ପାଇବା ନିମନ୍ତେ ସମୟ ଆଗ୍ରହ ଓ ଦୃଢ ନିଶ୍ଚୟତା ଆବଶ୍ୟକ ।

ଯାକୁବ କହନ୍ତି କିନ୍ତୁ ଉର୍ଦ୍ଧ୍ୱରୁ ଆଗତ ଜ୍ଞାନ ପ୍ରଥମରେ ପବିତ୍ର, ଦ୍ୱିତୀୟରେ ଶାନ୍ତିପ୍ରିୟ, ମୃଦୁଶୀଳ, ବାଧ୍ୟ, ଦୟା ଓ ଉତ୍ତମ ଫଳରେ ପରିପୂର୍ଣ୍ଣ ସନ୍ଦେହ ଶୂନ୍ୟ ଓ ନିଷ୍କପଟ । "(ଯାକୁବ ୫:୧୭) ସାରାର କଥାରେ ମନଯୋଗ କରିବା ନିମନ୍ତେ ସଦାପ୍ରଭୁ ଅବ୍ରାହାମଙ୍କ କହିଥିଲେ ଆପଣା ମନ ବଦଳାଇବା ଦୁର୍ବଳତା ନିହେଁ ।

**ଭାର୍ଯ୍ୟା :-** "ହେ ଭାର୍ଯ୍ୟାମାନେ, ପ୍ରଭୁଙ୍କ ସହଭାଗିତାର ଉପଯୁକ୍ତ ଆଚରଣ ଅନୁସାରେ ଆପଣା ଆପଣା ସ୍ୱାମୀମାନଙ୍କର ବୀଶୀଭୂତା ହୁଅ ।" (କଲସୀ ୩:୧୮) । କଅଣ ଉପଯୁକ୍ତ ? "ହଁ ମଣ୍ଡଳୀ ଯେପରି ଖ୍ରୀଷ୍ଟଙ୍କର ବଶୀଭୂତା, ସେହିପରି ସ୍ତ୍ରୀମାନେ ମଧ୍ୟ ସବୁ ବିଷୟରେ ଆପଣା ଆପଣା ସ୍ୱାମୀର ବଶୀଭୂତା ହେଉନ୍ତୁ । "(ଏଫିସୀ ୫:୨୪) । ଈଶ୍ୱରଙ୍କ ବାକ୍ୟ ଅମାନ୍ୟ କରିବାକୁ ସ୍ୱାମୀଙ୍କ ଆଜ୍ଞା ସେ ବଶୀଭୂତା ହେବା ଆବଶ୍ୟକ

ନାହିଁ । ଯେଉଁ ସ୍ତ୍ରୀ ଆପଣା ମସ୍ତକ ଆଚ୍ଛାଦନ ନ କରି ପ୍ରାର୍ଥନା କରେ, ସେ ଆପଣା ମସ୍ତକ (ସ୍ୱାମୀର) ଅପମାନ କରେ । (୧ମ କରନ୍ଥୀ ୧୧:୫) ସ୍ତ୍ରୀମାନଙ୍କ ଅନୁପଯୁକ୍ତ ବ୍ୟବହାର, କଥାବାର୍ତ୍ତା, ପ୍ରଭୃତି ଆହୁରି କେତେ ଅପମାନଜନକ ! "ଗୁଣବତୀ ସ୍ତ୍ରୀ ଆପଣା ସ୍ୱାମୀର ମୁକୁଟ ସ୍ୱରୂପ, ମାତ୍ର ଲଜ୍ଜାଦାୟିନୀ ସ୍ତ୍ରୀ ତାହାର ହାଡ଼ ସବୁର କ୍ଷୟ ସ୍ୱରୂପ । (ହିତ ୧୨:୪)

**ପିତା :-** ଆପଣା ସନ୍ତାନମାନଙ୍କୁ ଉତ୍ତମ ଶିକ୍ଷା ଦିଅନ୍ତୁ । ନିରୁତ୍ସାହ କରନ୍ତୁ ନାହିଁ । "ହେ ପିତାମାନେ ଆପଣା ଆପଣା ପିଲାମାନଙ୍କୁ ଶିକ୍ଷା ଓ ଚେତନା ଦ୍ୱାରା ପ୍ରତିପାଳନ କର ।" (ଏଫିସୀ ୬:୪) ସନ୍ତାନସନ୍ତତି ମାନଙ୍କ ଲାଳନ ପାଳନର ଭାର ପରେମେଶ୍ୱର ପିତାମାନଙ୍କ ଉପରେ ଥୋଇ ଅଛନ୍ତି । ପିତାମାନଙ୍କୁ ସନ୍ତାନମାନଙ୍କ ଶିକ୍ଷା ଦେବାରେ ଅବହେଳା ନ କରନ୍ତୁ । ସନ୍ତାନମାନଙ୍କ ଶାରିରୀକ ଆତ୍ମିକ ଅଭିବୃଦ୍ଧି ପିତାମାନଙ୍କ ଦାୟୀତ୍ୱ "ବାଳକର ଗନ୍ତବ୍ୟ ପଥରେ ତାହାକୁ ଶିକ୍ଷିତ କରାଅ, ତେଣୁ ସେ ବୃଦ୍ଧ ହେଲେ ହେଁ ତହିଁରୁ ବିମୁଖ ହେବ ନାହିଁ । (ହିତ ୨୨:୬)

**ମାତା :-** ସନ୍ତାନସନ୍ତତି ମାନଙ୍କୁ ଶିକ୍ଷା ଦେବା ମାତା ମାନଙ୍କର ମଧ୍ୟ ଦାୟିତ୍ୱ ଅଟେ । (ହିତ ୨୨:୬) । ମାତାମାନଙ୍କୁ ସନ୍ତାନସନ୍ତତିମାନଙ୍କୁ ପ୍ରେମ କରିବାକୁ ଓ ଏକ ଉତ୍ତମ ଗୃହିଣୀ ହେବା ନିମନ୍ତେ ପ୍ରେରିତ ପାଉଲ ତିତସ ୨:୪-୫ ପଦରେ ଲେଖିଅଛନ୍ତି । ଯାହା କହେ, "ଈଶ୍ୱରଙ୍କ ବାକ୍ୟ ଯେପରି ନିନ୍ଦିତ ନ ହୁଏ, ଏଥି ନିମନ୍ତେ, ସେମାନେ ଯୁବତୀମାନଙ୍କୁ ପତିବ୍ରତା, ସନ୍ତାନ ବତ୍ସଳା, ସୁବୁଦ୍ଧି, ସତୀ, ସୁଗୃହିଣୀ, ସୁଶିଳା ଓ ଆପଣା ଆପଣା ସ୍ୱାମୀର ବଶୀଭୂତା" ହେବାକୁ ଶିକ୍ଷା ଦିଅ । ସୁଗୃହଣୀ କି ଅବା ଗୃହ ନିର୍ବାହକାରିଣୀର ଅର୍ଥ ଶାରୀରିକ, ମାନସିକ ଧାର୍ମିକ ଅଭିବୃଦ୍ଧିର ଯତ୍ନକାରୀ ।

ଯୁବତୀମାତାମାନେ, ବୃଦ୍ଧ ସ୍ତ୍ରୀ ମାନଙ୍କଠାରୁ ଶିକ୍ଷା ଗ୍ରହଣ କରନ୍ତୁ । ସନ୍ତାନ ପ୍ରସୁତିମାନଙ୍କ ମୌଳିକ ଭକ୍ତିରେ ଲାଳନ ପାଳନ ବୃଦ୍ଧାମାନେ ଶିକ୍ଷା ଦେଇ ପାରନ୍ତି ଥାନ୍ତି । ପୁଣି ବୟୋଧିକା ସ୍ତ୍ରୀମାନଙ୍କୁ ସେହିପରି ଘର ନିନ୍ଦୁକା ଓ ମଦ୍ୟପାନରେ ଅ... ନ ହୋଇ ସୁଦ୍ଧାଚାରିଣୀ ହେବାକୁ ଓ ସୁଶିକ୍ଷା ଦେବାକୁ ଅନୁରୋଧ କର ।" (ତିତସ ୨:୩)

ମାତାମାନେ ଗୃହ ପରିଚାଳିକା ଅଟନ୍ତି । (୧ମ ତୀମଥି ୫:୧୪)। ପରମେଶ୍ୱରଙ୍କ ଆଜ୍ଞା ପିତାଠାରୁ ମାତାଙ୍କ ଠାରୁ ସନ୍ତାନସନ୍ତତି ମାନଙ୍କ ନିକଟ ବ୍ୟାପ୍ତ ହୁଏ। "ହେ ମୋହର ପୁତ୍ର ତୁମ୍ଭେ ଆପଣା ପିତାର ଆଜ୍ଞା ପାଳନ କର ପୁଣି ଆପଣା ମାତାର ଆଦେଶ ପରିତ୍ୟାଗ କର ନାହିଁ।" (ହିତ ୬,୨୦)। ପରିବାରର ସୁଃଶାନ୍ତି, ଆତ୍ମିକ ଅଭିବୃଦ୍ଧି ନିମନ୍ତେ ପିତାମାତାଙ୍କୁ ଯୋଜନା, ଆଲୋଚନା, ପ୍ରାର୍ଥନା ଆବଶ୍ୟକ । ସ୍ୱାମୀର ଅନୁପସ୍ଥିତିରେ ମାତା ପରିବାର ଦାୟିତ୍ୱ ଗ୍ରହଣ କରିଥାଏ । ଯେଉଁ ମାତା ସନ୍ତାନସନ୍ତତିମାନଙ୍କୁ ଲାଳନ ପାଳନ ନ କରେ, ସେ ଲଜ୍ଜିତ ହେବ। (ହିତ ୨୯;୧୫)

**ସନ୍ତାନ ସନ୍ତତି :** "ହେ ପିଲାମାନେ, ସମସ୍ତ ବିଷୟରେ ପିତାମାନଙ୍କ ଆଜ୍ଞାବହ ହୁଅ, କାରଣ ଏହା ପ୍ରଭୁଙ୍କ ସହଭାଗିତାରେ ସନ୍ତୋଷ ଜନକ ବ୍ୟବହାର।" (କଲସୀ ୩:୨୦) । ହେ ପିଲାମାନେ ପ୍ରଭୁଙ୍କ ସକାଶେ ଆପଣା ଆପଣା ପିତାମାତାଙ୍କର ଆଜ୍ଞାବହ ହୁଅ । (ଏଫିସୀ ୬:୪) ପିତାମାତାଙ୍କର ବାଲ୍ୟସମୟରେ କିଛିବର୍ଷ ପିତାମାତାଙ୍କର ବଶୀଭୁତ ହେବ କିନ୍ତୁ ଆଜୀବନ ସେମାନଙ୍କର ସମ୍ମାନ କରୁ ।

**- *Beth Johnson***

❋❋❋

## ସ୍ୱର୍ଗରାଜ୍ୟ କି ସନ୍ନିକଟ ?

### (Is the Kingdom Coming ?)

ଯୀଶୁଖ୍ରୀଷ୍ଟ ପୁନଃର୍ବାର ଆସି ଜାଗତିକ ସାମ୍ରାଜ୍ୟ ସ୍ଥାପନ କରିବେ ବୋଲି ଅନେକ ବିଶ୍ୱାସ କରନ୍ତି କିନ୍ତୁ ଦୁଇହଜାର ବର୍ଷ ପୂର୍ବେ ସେ ଆପଣା ରାଜ୍ୟ ସ୍ଥାପନ କରି ରାଜୁତି କରୁ ଅଛନ୍ତି ବୋଲି ଈଶ୍ୱରଙ୍କ ବାକ୍ୟ ସୁସ୍ପଷ୍ଟ କରେ ।

ଯୀଶୁଆପଣା ଶିଷ୍ୟମାନଙ୍କୁ କହିଥିଲେ, "..... ମୁଁ ତୁମ୍ଭମାନଙ୍କୁ ସତ୍ୟକହୁଅଛୁ, ଈଶ୍ୱରଙ୍କ ରାଜ୍ୟକୁ ପରାକ୍ରମରେ ଉପସ୍ଥିତ ନ ଦେଖିବା ପର୍ଯ୍ୟନ୍ତ ଏଠାରେ ଠିଆ ହୋଇଥିବା ଲୋକମାନଙ୍କ ମଧ୍ୟରୁ କେତେକ କୌଣସି ପ୍ରକାରେ ମୃତ୍ୟୁର ଆସ୍ୱାଦ ପାଇବେ ନାହିଁ ।

ତାହାଙ୍କ ସହିତ ସେହି ସମୟରେ ଠିଆ ହୋଇଥିବା ବ୍ୟକ୍ତି ମାନଙ୍କ ଜୀବିତାବସ୍ଥାରେ ସ୍ୱର୍ଗରାଜ୍ୟ ସ୍ଥାପିତ ବୋଲି ଯୀଶୁ ପ୍ରକଟ କରିଥିଲେ । ଅନେକ ଶତାବ୍ଦୀ ପୂର୍ବେ ତାହାଙ୍କ ସହିତ ଠିଆ ହୋଇଥିବା ବ୍ୟକ୍ତିମାନେ ମୃତ୍ୟୁ ବରଣ କରିଅଛନ୍ତି । ଅତଏବ, ତାହା ଭବିଷ୍ୟତରେ ସ୍ଥାପିତ ହେବାର ସମ୍ଭାବନା ନାହିଁ ।

କଲସୀ ୧:୧୩ ପଦରେ ପ୍ରେରିତ ପାଉଲ କହନ୍ତି, ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରି ଅଛନ୍ତି । (କଲସୀ ୧:୧୩) । ଅର୍ଥାତ୍ ପ୍ରେରିତ ପାଉଲ ଏହି ପତ୍ର ଲେଖିବା ପୂର୍ବେ ରାଜ୍ୟ ସ୍ଥାପିତ ହୋଇ ସାରିଥିଲା । ଯୀଶୁଖ୍ରୀଷ୍ଟଙ୍କ ପ୍ରକଟ କରିବା ପରେ ଓ ପ୍ରେରିତ ପାଉଲ କଲସୀ ଲେଖିବା ପୂର୍ବେ ମଣ୍ଡଳୀ ସ୍ଥାପିତ ହୋଇଥିଲା । ପ୍ରେରିତ ପାଉଲ ଓ ଖ୍ରୀଷ୍ଟଙ୍କ ଠାରେ ପରିବର୍ତ୍ତିତ ହେବା ପ୍ରତ୍ୟେକ ତାହାଙ୍କ ରାଜ୍ୟରେ ସ୍ଥାନାନ୍ତରିତ ହୋଇଥିଲେ ଓ ବର୍ତ୍ତମାନ ସୁଦ୍ଧା ସ୍ଥାନାନ୍ତର ହେଉଅଛନ୍ତି ଓ ସ୍ୱର୍ଗରାଜ୍ୟର ନାଗରିକ ଅଟନ୍ତି । (ଫିଲିପ ୩:୨୦) । ବାପ୍ତିଜିତ ହୋଇ ଖ୍ରୀଷ୍ଟଙ୍କ ସହ ଯୁକ୍ତ ହେବା ପ୍ରତ୍ୟେକ ଖ୍ରୀଷ୍ଟିୟାନ ସ୍ୱର୍ଗରାଜ୍ୟର ନାଗରିକ ଓ ମଣ୍ଡଳୀର ଏକ ଅଙ୍ଗ ଅଟନ୍ତି । (କଲସୀ ୧:୧୮, ଗାଲାତୀ (୩:୨୬-୨୭)

ସ୍ୱର୍ଗରାଜ୍ୟ କେବେ ସ୍ଥାପିତ ହୋଇଥିଲା ସନ୍ଦେହ କରିବା ଆବଶ୍ୟକ ନାହିଁ । ଖ୍ରୀ:ଜ: ୩୩ ମସିହାରେ ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ସ୍ୱର୍ଗସ୍ଥ ଶକ୍ତି ସହ ସ୍ୱର୍ଗରାଜ୍ୟ ସ୍ଥାପିତ ହୋଇଥିଲେ । ତିନି ହଜାର ଯିହୂଦୀମାନେ ସେଦିନ ସୁସମାଚାରର ଆଜ୍ଞାବହ ହୋଇଥିଲେ ସେଦିନ ମଣ୍ଡଳୀର କି ଅବା ସ୍ୱର୍ଗରାଜ୍ୟର ଆରମ୍ଭ ଦିନ । ଯୀଶୁ କି ଆସୁ ଅଛନ୍ତି ? ନିଶ୍ଚିତ ଭାବେ । ଏ ବିଷୟରେ ଅମ୍ଭେମାନେ ପ୍ରେରିତମାନଙ୍କ ପୁସ୍ତକ ପ୍ରଥମ ଅଧ୍ୟାୟ ଏକାଦଶ ପଦରେ ପଢି ଥାଉଁ । କିଂତୁ ସେ ଏହି ଧାରାରେ ପାଦ ପକାଇ ଏଠାରେ ଜୀବନଯାପନ କରିବେ ଏବଂ ଏକ ସାମ୍ରାଜ୍ୟ ସ୍ଥାପନ କରିବେ ବୋଲି ଲିଖିତ ହୋଇ ନାହିଁ । ଅନେକ ପ୍ରକାଶିତ ବାକ୍ୟ ୨୦ ପର୍ବ ଉଲ୍ଲେଖ କରି ଯୀଶୁ ଏହି ଧାରାରେ ପୁନଃର୍ବାର ଆସି ରାଜତ୍ୱ କରିବେ ବୋଲି ପ୍ରକଟ କରନ୍ତି । କିଂତୁ ଏହି ପର୍ବ ସୂକ୍ଷ୍ମଭାବେ ବିଶ୍ଳେଷଣ ଏହି ବିଷୟରେ ସତ୍ୟତା ବୁଝିପାରିବା

ସ୍ୱର୍ଗରାଜ୍ୟ ସ୍ଥାପିତ ହୋଇଅଛି । ଖ୍ରୀଷ୍ଟ ବର୍ତ୍ତମାନ ରାଜତ୍ୱ କରୁଅଛନ୍ତି । ତାହାଙ୍କ ପୁନଃରାଗମନରେ ସମସ୍ତ ମୃତ ଓ ଜୀବିତ ଖ୍ରୀଷ୍ଟଙ୍କ ନିକଟକୁ ଉର୍ଦ୍ଧ୍ୱକୁ ଘେନାଯିବେ "..... ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ନୀତ ହେବୁ , ଏହି ପ୍ରକାରେ ଅମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ ।" (୧ମ ଥେସ ୪:୭) ଖ୍ରୀଷ୍ଟଙ୍କ ପୁନଃରାଗମନ ମଣ୍ଡଳୀ ସ୍ଥାପନ ନିମନ୍ତେ ନୁହେଁ କିଂତୁ ଜଗତରୁ ଉଠାଇ ନେଇ ସ୍ୱର୍ଗସ୍ଥ ପିତାଙ୍କୁ ସମର୍ପଣ କରିବେ । ତତ୍ପରେ ଯୁଗାନ୍ତ ଉପସ୍ଥିତ ହେବା ସେ ସମୟରେ ସେ ସମସ୍ତ କ୍ଷମତା ଓ ଶକ୍ତି ଲୋପ କଲା ଉତ୍ତାରେ ପିତା ଈଶ୍ୱରଙ୍କୁ ରାଜତ୍ୱ ସମର୍ପଣ କରିବେ । (୧ମ କରିନ୍ଥୀ ୧୫:୨୪) ଅମ୍ଭେମାନେ ନିଶ୍ଚିତ ଭାବେ ସ୍ୱର୍ଗରାଜ୍ୟର ଅନ୍ୱେଷଣ କରୁ । କିଂତୁ ତାହାର ସ୍ଥାପନ ନିମନ୍ତେ ଅପେକ୍ଷାରେ ନ ରହୁ । ମଣ୍ଡଳୀ ହିଁ ତାହାଙ୍କ ରାଜ୍ୟ ଅଟେ । ସତ୍ୟ ମଣ୍ଡଳୀର ସନ୍ଧାନ କରୁ ଓ ସ୍ୱର୍ଗରାଜ୍ୟର ନାଗରିକ ହେଉ ।

***- Beth Johnson***

Edited & Published by : Kabita & Joshua Gootam

4. Fruit expected-to have more and better. Fruit of Character. (Gal. 5:22-25; 2 Pet. 1:5-8). Are we guiltier than were the Jews?

5. Destruction for all who have such privileges and bring forth no fruit. (Jno. 15:2, 6; Mt. 3:10;7:19)

a) How Jews were punished for disobedience Wilderness experience, Canaan, Babylonian Captivity, etc.

b) Seven churches of Asia, did not rise to their responsibility. Hence,that section was overcome by the influence of Mohammedism.

c)True individually no fruit, 'cut down'; cease to grow, cease to live - barrenness a symptom of death.

6. Doom extended - vinedresser intercedes, if hapily may bear fruit.

a.) Flood foretold, preaching. Spirit striving. (Gen, 6:3)

b) After crucifixion, doomed delayed forty years.

c) Between evil desire and immediate punishment, one is indebted to Christ for extended time.

7. Respite or reprieve is not pardon-God holds to account. (Eccl. 8:11-13)

a) No divine indifference. Justice only arrested for the moment by the mediation of the High Priest. (Prov.29:l; 2Pet.3:3-10)

b) Guilt after forbearance - greater than before. It called for more effort of the Vinedresser. (2 Pet. 2:20)

c) Cut it down, cumbers the ground, in way of vines, infurious to others; drew off to self fat-ness which belonged to profitable trees (Rom. 2:24;Mt. 23:13, 15)

d) Digging making openings whereby gifts from other quarters available; fertilizer contains necessary food for the plants-trees must receive it; assimilate it, convert it into fruit. Applicable to us.

8. Limit to forbearance.

a) where are the limits? No one knows, but all should, by all means, keep away from it

b) How keep from the limits? By turning to God. (Mt. 18:l-3;Acts 3:19; 11:21;Isa. 55:7,8)

c) By becoming branches. (Jno. 15:1-6, Mt. 3:10, 11)

**-Coleman Overby**

***Printed Book Only***

From :
SATYAVAKKU
P.O. Box 80
Kakinada - 533001

To

(FOR PRIVATE CIRCULATION ONLY)

Edited & Published by Joshua Gootam Printed by him at Satya Vani Publication, Sambamurthy St., Kakinada - 533 004